# Akashvani, Sambalpur

## SAMBALPURI NEWS MORNING BULLETIN

## 31 May 2026 - 6.47- 6.52 am.

---

ମନ୍ କି ବାତ୍ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ କର୍‌ବେ । ଇଟା ତାଙ୍କର୍ ଶହେ ୩୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ଓ୍ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଏସ୍‌ଆଇଆର୍        ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ସବୁ ବିଧାନ୍‌ସଭା ମଣ୍ଡଲୀଥି ଗଲାକାଏଲ୍‌ନୁ ଭୋଟର୍ ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ୍ ପ୍ରକ୍ରିୟା ଏସ୍‌ଆଇଆର୍ ଅନୁଷ୍ଠାନିକ୍ ଭାବେ ମୁଲ୍ ହେଇଛେ । ପହେଲା ଦିନେ ବୁଥ୍‌ସ୍ତରୀୟ ଅଧିକାରୀ ବିଏଲ୍‌ଓ ମାନେ ଘର୍‌କେ ଘର୍ ଯାଇକରି ୨ ଲାଖ୍ ୫୯ ହଜାର୍ ଶହେ ୬୬ ଝନ୍ ଭୋଟର୍‌ଙ୍କୁ ପରିଗଣନା ଫର୍ମ ବାଂଟିଛନ୍ । ସବୁ ଭୋଟର୍‌ଙ୍କୁ ୨ ଟା ଲେଖା ଆଘୋନୁ ଛପା ହେଇଥିବା ଫର୍ମ ଦିଆଯାଇଛେ । ଭୋଟର୍‌ମାନେ voters.eci.gov.in ୱେବ୍‌ସାଇଟ୍‌ନୁ ଭିଲ୍ ଫର୍ମ ଡାଉନ୍‌ଲୋଡ୍ କରିକରି ବିଏଲ୍‌ଓମାନ୍‌କୁ ଦେଇପାର୍‌ବେ । ଇ ଅଭିଯାନ୍ ଲାଗି ସ୍ୱିକୃତୀ ପ୍ରାପ୍ତ ରାଜନୈତିକ୍ ଦଲ୍ ତର୍‌ଫୁ ୩୩ ହଜାର୍ ୨୬ ଝନ୍ ବିଏଲ୍‌ଏ ନିଯୁକ୍ତ ହେଇଛନ୍ । ନୂଆଁ ଭୋଟର୍‌ମାନ୍‌କର୍ ପଞ୍ଜିକରଣ୍ ମୃତ କି ସ୍ଥାନାନ୍ତରିତ୍ ଭୋଟର୍ ମାନ୍‌କର୍ ନାଁ ବାଦ୍ ଦେବାର୍ ଆଉ ଭୋଟର୍ କାର୍ଡ୍‌ର ଭୁଲ୍ ସଂଶୋଧନ୍ କର୍‌ବାର୍ ଇ କାର୍ଯ୍ୟକ୍ରମର୍ ମୁଲ୍ ଉଦ୍ଦେଶ୍ୟ ଆଏ ।

ଆୟୁଷ୍ମାନ୍ ଭାରତ୍        ଆଇ ଆଣ୍ଡ୍ ପି.ଆର୍

ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା - ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନାର୍ ସଫଲ୍ କାର୍ଯ୍ୟାନ୍ୱୟନ୍ ଲାଗି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ତାଲିକାଭୁକ୍ତ ବେସର୍‌କାରୀ ଡାକ୍ତର୍‌ଖାନାର୍ ପ୍ରତିନିଧିମାନ୍‌କର୍ ସାଙ୍ଗେ ସମୀକ୍ଷା ବୈଠକ୍ କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ ସ୍ପଷ୍ଟ କରିଛନ୍, ରୋଗୀମାନେ ହସ୍ପିଟାଲ୍ ନ ଏଡ଼୍‌ମିଟ୍ ହେବାର୍ ୩ ଦିନ୍ ଆଗ୍ରୁ ହେଇଥିବା ମେଡ଼ିକାଲ୍ ପରୀକ୍ଷା ଆୟୁଷ୍ମାନ୍ କାର୍ଡ଼ କରାଯିବା । ଟେଷ୍ଟ ମାନ୍‌କର୍ ସବୁ ଖର୍ଚ୍ଚା ଆୟୁଷ୍ମାନ୍ ପେକେଜ୍‌ନୁ କରାଯିବା । ଗାଇଡ୍‌ଲାଇନ୍ ନାଇଁ ମାନ୍‌ଲେ ସମ୍ପୃକ୍ତ ଡାକ୍ତର୍‌ଖାନା ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଆୟୁଷ୍ମାନ୍ ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ଭଲ୍ ବେଭାର୍ ଦେଖାବାର୍ ସହେତେ ଗୁଣାତ୍ମକ୍ ଆଉ କେସ୍‌ଲେସ୍ ଚିକିତ୍ସା ସୁବିଧା ଯୁଗେଇ ଦେବାର୍‌କେ ସେ ସବୁ ବେସର୍‌କାରୀ ଡାକ୍ତର୍‌ଖାନାମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

(ଭଏସ୍ ଓଭର୍- ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍)

ବୈଠକ୍‌ରେ ସ୍ୱାସ୍ଥ୍ୟ ବିଭାଗ୍ ସଚିବ ଆଉ କମିଶନର୍ ଅଶ୍ୱତୀ ଏସ୍. ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଏମ୍.ଡି. ଡି.ବୃନ୍ଦା ବରିଷ୍ଠ ଅଧିକାରୀ ଆଉ ବେସରକାରୀ ଡାକ୍ତର୍‌ଖାନାମାନ୍‌କର୍ ପ୍ରତିନିଧିମାନେ ଉପସ୍ଥିତ୍ ଥିଲେ ।

ରଥଯାତ୍ରା-ସମୀକ୍ଷା ବୈଠକ୍ ପୁରୀ ସମ୍ବାଦଦାତା

ଆଏବା ରଥଯାତ୍ରାକେ ନଜର୍‌ରେ ରଖିକରି ରେଲ୍‌ବାଇର୍ ପ୍ରସ୍ତୁତି ଆଉ ପରିଚାଳନା ବାବ୍‌ଦେ ଗୁଟେ ସମୀକ୍ଷା ବୈଠକ୍ ଗଲାକାଏଲ୍ ପୁରୀ ସାର୍କିଟ୍ ହାଉସ୍ ନ ହେଇଯାଇଛେ । ଜିଲ୍ଲାପାଲ୍ ଦିବ୍ୟଜ୍ୟୋତି ପରିଡ଼ାଙ୍କର୍ ଅଧ୍ୟକ୍ଷତାରେ ହେଇଥିବା ବୈଠକ୍‌ରେ ରଥଯାତ୍ରା ସମିଆରେ ଯାତ୍ରୀସେବା, ସୁରକ୍ଷା ଆଉ ପରିଚାଳନା ବାବ୍‌ଦେ ବିସ୍ତୃତ୍ ଆଲୋଚନା ହେଇଥିଲା । ଇ ସମିଆରେ ଭିଡ୍ କମାବାର୍ ଲାଗି ପୁରୀ ନୁ କଟକ୍, ଭୁବନେଶ୍ୱର୍ ଆଉ ଖୋର୍ଦ୍ଧା ରୋଡ୍‌କେ ଅଏତ୍‌କା ଟ୍ରେନ୍ ଚଲାଚଲ୍ ବାବ୍‌ଦେ ଜୋର୍ ଦିଆଯାଇଥିଲା । ରେଲ୍‌ବାଇ ତର୍‌ଫୁ ଚାଲିଥିବା ନିର୍ମାଣ୍ କାମ୍‌କେ ଭିଲ୍ ତୁର୍‌ତି ସାର୍‌ବାର୍ ଲାଗି ବୈଠକ୍‌ରେ ଜୋର୍ ଦିଆଯାଇଥିଲା ।

ବିଶ୍ୱ ତମାଖୁ ବର୍ଜନ୍ ଦିବସ ଆର୍ଏନ୍ୟୁ ସମ୍ବଲପୁର୍

ଆକର୍ଷଣର ପର୍ଦ୍ଦାଫାଶ୍- ନିକୋଟିନ୍ ଆଉ ତମାଖୁ ନିଶା ବିରୋଧିଥି ମୁକାବିଲା ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ତମାଖୁ ବର୍ଜନ୍ ଦିବସ୍ । ଲୁକକୁ ତମାଖୁ ସେବନ୍ ଲାଗି ହେଉଥିବା ସ୍ୱାସ୍ଥ୍ୟ ହାନୀ ବାବ୍ଦେ ସଚେତନ୍ କରାବାର୍ ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍ଫୁ ୧୯୮୮ ମସିହାନୁ ଆଝିର୍ ଦିନ୍କେ ୱାର୍ଲ୍ଡ ନୋ ଟୋବାକୋ ଡେ ଭାବେ ସାରା ପୁର୍ଥି ନ ପାଲନ୍ କରାଯାଉଛେ । ଇ ଦିବସ୍ ଅବ୍ସରେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ସଚେତନତା କାର୍ଯ୍ୟକ୍ରମ୍ମାନ୍ ଆୟୋଜନ୍ କରାଯାଉଛେ ।

ହୋମିଓପାଥି, ଆୟୁର୍ବେଦିକ୍ ଚିକିତ୍ସାଳୟ ନୂଆପଡ଼ା

ନୂଆପଡ଼ା ଜିଲ୍ଲା ସର୍କାରୀ ହୋମିଓପାଥି ଆଉ ଆୟୁର୍ବେଦିକ୍ ଚିକିତ୍ସାଳୟର୍ କାମ୍କାଜ୍ ଆଉ ଉନ୍ନୟନ୍ ପଦକ୍ଷେପ୍ ସମୀକ୍ଷା ଲାଗି ଜିଲ୍ଲାସ୍ତରୀୟ ବୈଠକ୍ ଗଲାକାଏଲ୍ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍

ଅଧ୍ୟକ୍ଷତାଥି ହେଇଯାଇଛେ । ଆଏବା ଜୁନ୍ ୨୧ ତାରିଖ୍ ଅନ୍ତର୍ଜାତୀୟ ଯୋଗ ଦିବସ୍‌କେ ସବୁ ଆୟୁସ୍ ହେଲ୍‌ଥ ଏଣ୍ଡ୍ ୱେଲ୍‌ନେସ୍ ସେଂଟର୍ ନ ବ୍ୟାପକ୍ ଭାବେ ପାଲନ୍ କର୍‌ବାର୍‌କେ ନିଷ୍ପତି ହେଇଛେ । ଟିବି ମୁକ୍ତ ଭାରତ୍ ଅଭିଯାନ୍‌ଥି ଶହେ ଦିନିଆ ଖାସ୍ ସର୍ବେକ୍ଷଣ୍‌କେ ସଫଲ୍ କର୍‌ବାର୍ ଲାଗି ସମ୍‌କର୍ ସହଯୋଗ୍ କାମ୍‌ନା କରାଯାଇଛେ । ଇତାର୍‌ସହେତେ ଆୟୁଷ୍ ଡାକ୍ତର୍‌ମାନ୍‌କର୍ ଲାଗି ଆର.ଏନ୍.ଟି.ସି.ପି. ଜରିଏ ଖାସ୍ ତାଲିମ୍ କାର୍ଯ୍ୟକ୍ରମ୍ ଆୟୋଜନ୍ ଲାଗି ଭିଲ୍ ପ୍ରସ୍ତାବ୍ ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀ ପ୍ରଭାବ୍‌ଥି ଭିନ୍ ଭିନ୍ ଜାଗା ନ ବର୍ଷା ହେଇଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଧୁକାଗର୍ଡ଼ି ଆଉ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗଲାକାଏଲ୍ ପଶ୍ଚିମ ଓଡ଼ିଶାର୍ ବଡ଼୍‌ଭାଗୀ ଜାଗା ନ ଜବର୍ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇଯାଇଛେ । ଆଏବା ୨

ଦିନ୍‌ତକ୍ କାଲ୍‌ବୈଶାଖୀ ବର୍ଷା ଲାଗି ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ କମ୍‌ବା ଆଉ ତାର୍‌ଉତ୍‌ରୁ ଫେର୍ ବଢ଼୍‌ବାର୍ ସମ୍ଭାବନା ରହିଛେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।